# ଦକ୍ଷତା କୃଷି ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ଦେବା ପାଇଁ ଜିଲ୍ଲା ପ୍ରଶାସନ ଓ ଗ୍ରାମତରଙ୍ଗ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଢେଙ୍କାନାଳ ଜିଲ୍ଲାର ଦକ୍ଷତା କୃଷି ପ୍ରଶିକ୍ଷଣ କେନ୍ଦ୍ରକୁ ଗ୍ରାମତରଙ୍ଗକୁ ଆବଣ୍ଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ଦକ୍ଷତା କୃଷି କେନ୍ଦ୍ର ପରିସରରେ ତା ୨୮.୫.୨୦୧୮ ରିଖ ଅପରାହ୍ନରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଢେଙ୍କାନାଳ ଜିଲ୍ଲାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟର ଗ୍ରାମତରଙ୍ଗ ଅନୁଷ୍ଠାନ ସହ ଜିଲ୍ଲା ପ୍ରଶାସନ ତରଫରୁ ଚୁକ୍ତିନାମା କରାଯାଇ ଶ୍ୟାମଚରଣ ମୁର୍ମୁ ଦକ୍ଷତା କୃଷି ପ୍ରଶିକ୍ଷଣ କେନ୍ଦ୍ର ଓ ଛାତ୍ରାବାସକୁ ବିନିଯୋଗ ପାଇଁ ହସ୍ତାନ୍ତର କରାଯାଇଅଛି ।

ପ୍ରମୁଖ ଅତିଥିଭାବେ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ ଯୋଗ ଦେଇ ଏହି ଆବାସିକ ତାଲିମ କେନ୍ଦ୍ରରେ କିପରି ଗ୍ରାମତରଙ୍ଗ ଦ୍ୱାରା ପିଲାମାନଙ୍କୁ ଦକ୍ଷତା ବିକାଶ କରାଇ ବେସରକାରୀ ସ୍ତରରେ ଚାକିରୀର ସୁଯୋଗ ପାଇବେ ସେଥିପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ ।

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା ଯୋଗଦେଇ ଢେଙ୍କାନାଳ ଜିଲ୍ଲାର ସଦର ମହକୁମାରେ ଏହିପରି ଏକ ତାଲିମର ସୁଯୋଗ ସୃଷ୍ଟି ହୋଇଛି ବୋଲି ସମସ୍ତ ଗ୍ରାମାଞ୍ଚଳରେ ଏହାର ବହୁଳ ପ୍ରଚାର ଓ ପ୍ରସାର କରାଯିବ ବୋଲି କହିଥିଲେ । ଗ୍ରାମତରଙ୍ଗ ଅଧିକାରୀ ଶ୍ରୀ ସୁଜିତ ମିଶ୍ର ଘୋଷଣା କରିଥିଲେ ଏଠାରେ ମହିଳାମାନଙ୍କୁ ଆବାସିକ ସୁବିଧା ପ୍ରଦାନ କରାଯାଇ ବସ୍ତ୍ରଶିଳ୍ପ ଭିତ୍ତିକ ସିଲାଇ ତାଲିମ ଯୋଗାଇ ଦେଇ ଅଧିକ ନିଯୁକ୍ତି ସୃଷ୍ଟି କରିବା ପାଇଁ ପ୍ରୟାସ କରାଯିବ ଓ ଜୁଲାଇ ମାସରୁ ପ୍ରଥମ ବ୍ୟାଚର ତାଲିମ ଆରମ୍ଭ କରାଯିବ ବୋଲି ଘୋଷଣା କରିଥିଲେ ।

ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ଆଶିଷ କୁମାର ଜମ୍ସନ୍ତିଆ କହିଥିଲେ ଯେ ଓଡ଼ିଶାର ପ୍ରଥମ ଦକ୍ଷତା ବୃଦ୍ଧି କେନ୍ଦ୍ର ଢେଙ୍କାନାଳରେ ମାର୍ଚ୍ଚ ୨୦୧୪ ମସିହାରୁ ନିଯୁକ୍ତି ଭିତ୍ତିକ ତାଲିମ ଆରମ୍ଭ କରାଯାଇଥିଲା ଓ ବର୍ତ୍ତମାନ ଗ୍ରାମତରଙ୍ଗକୁ ହସ୍ତାନ୍ତର ହେବାଦ୍ୱାରା ଏହା ପୁଣି ମାତ୍ରାରେ କାର୍ଯ୍ୟକ୍ଷମ ହୋଇପାରିବ ଆଶାପୋଷଣ କରିଥିଲେ । ଓ ଏହା ସହିତ ଦକ୍ଷତା ବୃଦ୍ଧି କେନ୍ଦ୍ରର ଅସୁବିଧା ଗୁଡ଼ିକ ଜିଲ୍ଲାପାଳଙ୍କ ନଜରକୁ ଆଣିଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ଆଶିଷ କୁମାର ଜମ୍ସନ୍ତିଆ ଓ ଗ୍ରାମତରଙ୍ଗ ତରଫରୁ ପ୍ରୋଜେକ୍ଟ ଅଧିକାରୀ ଶ୍ରୀ ସୁଜିତ ମିଶ୍ରଙ୍କ ମଧ୍ୟରେ ଜିଲ୍ଲା ପ୍ରଶାସନର ଉପସ୍ଥିତ ସମସ୍ତ ଅଧିକାରୀଙ୍କ ସମ୍ମୁଖରେ ଚୁକ୍ତିନାମା ହସ୍ତାନ୍ତର ହୋଇଥିଲା ।

ଅନ୍ୟମାନେ ଅତିଥିଭାବେ ଜି.ଏସ.ଏମ.ଏସ. ଅଧିକାରୀ ସୁଜିତସାହୁ ସରକାରୀ ପଲିଟେକନିକ ର ଅଧ୍ୟକ୍ଷ ଶରତକୁମାର ଦାଶ ଓ ସରକାରୀ ଆଇ.ଟି.ଆଇ ର ଅଧ୍ୟକ୍ଷ ଜ୍ଞାନେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଆଦର୍ଶ ପରାମର୍ଶକେନ୍ଦ୍ରର ଯୁବ ପେଶାଦାର ପ୍ରୀତି କୁମାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ, ଆରସେଟି, ଡିଡିୟୁ-ଜିକେୱାଇ, କୁଶଳ ସ୍କିଲ ଓ [illegible]ର କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଆଶିଷ କୁମାର ଜମ୍ସନ୍ତିଆ 29-5-2015
(ଆଶିଷ କୁମାର ଜମ୍ସନ୍ତିଆ)
ଜିଲ୍ଲା ନିୟୋଜନ ଅଧିକାରୀ
ଢେଙ୍କାନାଳ
Dist. Employment Office,
Dhenkanal